# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

ଷଷ୍ଠ ବାର୍ଷିକ ଉତ୍ସବ ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୧୨-୩୧-୦୯ **ସମୟ** - ସଂଧ୍ୟା ୬:୨୫-୧୦:୦୦ (ET) ପାଳିଆ - ଜ୍ଞାନ ଭାଇ

***Phone Number – (218) 936-1100, Access Code: 62719#, Backup Number – (218) 936-1200, Access code: 52924878***

| Time (ET) | ସନ୍ଧ୍ୟା ଅଧିବେଶନ (ସନ୍ଧ୍ୟା ୮:୧୫ ରୁ ୧୦:୦୦) | Evening session (6:15pm - 10:00pm) |
|---|---|---|
| 6:25 – 7:00 | ପ୍ରତୀକ୍ଷା - ଏତେ ଦିନେ ସତେ ଆଜି ଜ୍ଞାନ ଭାଇ | Ete Dine Sate Aaji Gyan Bhai |
| | ପ୍ରତୀକ୍ଷା - ଗୁରୁ ନାରାୟଣ କୃପା କରି ବୃନ୍ଦାବନ ଭାଇ | Guru Narayana Krupa Kari Brundaban Bhai |
| | ପ୍ରତୀକ୍ଷା - ବଜାଅ ଶଙ୍ଖ ମହୁରୀ ବୃନ୍ଦାବନ ଭାଇ | Bajaao Sankha Mahuri Brundaban Bhai |
| | ପ୍ରତୀକ୍ଷା - ସଞ୍ଜ ସମୀରଣେ ସୁଧାଂଶୁବାଳା ମା’ | Sanja Samirane Sudhansubala Maa |
| 7:00 – 7:15 | ଆରତି ଜ୍ଞାନ ଭାଇ | Aarati Gyan Bhai |
| 7:15 – 7:25 | ବନ୍ଦନା - ଗୁରୁ ନାରାୟଣ କରି ନିବେଦନ ବୃନ୍ଦାବନ ଭାଇ | Bandana - Guru Narayana Brundaban Bhai |
| 7:25 – 7:35 | ସ୍ତୋତ୍ର ବନ୍ଦନା ବିଶ୍ୱଜିତ୍ ଭାଇ | Strotra Bandana Biswajit Bhai |
| 7:35 – 09:30 | ବନ୍ଦନା(ହେ ମହାମହୀମ ଭୁବନମୋହନ) ସୁଧାଂଶୁବାଳା ମା’ | Bandana – Hei mahamahima Bhubanamohana Sudhansubala Maa |
| | ନିଗମ ଉପଦେଶ ବରଦା ଭାଇ<br>ବ୍ରହ୍ମ ଧାରଣା (ପୃଷ୍ଠା ୧୧୪ - ୧୧୭) | Nigama Upadesha Barada Bhai<br>Brahma Dhaaranaa (Pages 114 – 117) |
| | ବାର୍ଷିକ ବିବରଣୀ ଜ୍ଞାନ ଭାଇ | Annual Report Gyan Bhai |
| | ସଙ୍ଗୀତ - ନ ମିଶିଲେ ବାରିବିନ୍ଦୁ କାହୁଁ ଜ୍ଞାନ ଭାଇ | Na Misile Baribindu Kaahun Gyan Bhai |
| | ନୀଳାଚଳ ବାଣୀ (ପୃଷ୍ଠା ୧୬୮-୧୭୨) ବିଶ୍ୱଜିତ୍ ଭାଇ | Nilachala Bani (Pages 168 – 172) Biswajit Bhai |
| | ଆମେ ତ ସଭିଏଁ ନାନା ଜାତି ଫୁଲ ଶିବାନୀ ମ· ମା’ | Ameta Ta Sabhien Nanajati Phula Sibani M. Maa |
| | ଜାତିସ୍ମର କାହାଣୀ (ପୃଷ୍ଠା ୩୫୨ - ୩୬୫) ଜ୍ଞାନ ଭାଇ | Jatismara Kaahaani (Pages 352–365) Gyan Bhai |
| | କେନ୍ଦ୍ରପ୍ରତିନିଧିଙ୍କ ଯୋଗଦାନ ଓ ଆଲୋଚନା | Representative from NSS joins and discusses about the goals for the creation of sangha |
| | ତୁମେ ହେ ଜାଳିଛ ମୁକ୍ତି ମଶାଲ ବୃନ୍ଦାବନ ଭାଇ | Tume He Jaalicha Mukti Masala Brundaban Bhai |
| | ଭାବ ବିନିମୟ ଜ୍ଞାନ ଭାଇ | Bhaaba Binimaya Gyan Bhai |
| | ଆସନ୍ତା ବର୍ଷ ବାର୍ଷିକ ଉତ୍ସବ ବିଶେଷ ଅଧିବେଶନ ପାଇଁ ନିମନ୍ତ୍ରଣ ଜ୍ଞାନ ଭାଇ | Invitation for the next Annual Day Celebration Gyan Bhai |
| | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୦୧-୦୩-୧୦) ଶିବାନୀ ଦ୍ୱି· ମା’ | Invitation for the next Sangha puja (01-03-10) Sibani D. Maa |
| | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ଜ୍ଞାନ ଭାଇ | Begging for Forgiveness Gyan Bhai |
| | ବିଦାୟ ପ୍ରାର୍ଥନା - ବିଦାୟ ବେଳାରେ ଆଜି ବରଦା ଭାଇ | Last Song – Bidaya Belare Aaji Barada Bhai |
| | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 09:30–10:00 | ଭୋଗ ନିବେଦନ ଓ ପ୍ରସାଦ ସେବନ | Bhoga Nibedana o Prasada Sebana |

## ବଜାଅ ଶଙ୍ଖ ମହୁରୀ

ବଜାଅ ଶଙ୍ଖ ମହୁରୀ ବିଜୟ କାହାଳୀ ଲୋ ସଜନୀ ଦିଅ ହୁଳହୁଳି
ଆସିଛନ୍ତି ଭକତଙ୍କ ଜୀବନ ସଞ୍ଚାଳି ଲୋ ସଜନୀ ଦିଅ ହୁଳହୁଳି ।୦।

ଯତନେ ସଜାଡ ଅରଚନା ଥାଳି ସଜାଅ ରତ୍ନ ପଲଙ୍କ
ହୃଦୟ ମନ୍ଦିରେ ବିଜେ ପ୍ରିୟତମ ଧିଆନରେ ଥରେ ଦେଖ
ଧୋଇଦିଅ ପାଦପଦ୍ମ ନେତ୍ର ନୀର ଢାଳି ଲୋ ସଜନୀ ।୧।

ପଣତରେ ପୋଛି ବୋଳି ଦିଅ ଅଙ୍ଗେ ଅଗୁରୁ ଚୁଆ ଚନ୍ଦନ
ମନ ଫୁଲହାର ମଣ୍ଡି ଦିଅ ଗଳେ ଚରଣ କର ବନ୍ଦନ
ଭେଟି ଦିଅ ଭକତିରେ କୁସୁମ ଅଞ୍ଜଳି ଲୋ ସଜନୀ ।୨।

ଆଦରେ ନିବେଦି ଧୂପ ନଇବେଦ୍ୟ ଭୁଞ୍ଜାଅ ଜନନୀ ପରି
ଭକତ ଭାବରେ ବନ୍ଧା ସେ ଠାକୁର ଲୋଡା ଖାଲି ଆଖିବାରି
ତୋଷ ଭବରସିଆଙ୍କୁ ଅଶ୍ରୁ ଅର୍ଘ୍ୟ ଢାଳି ଲୋ ସଜନୀ ।୩।

ମଧୁର ସଂଗୀତ ଗାଆ ଲୋ ସଜନୀ ମୃଦଙ୍ଗ ମଞ୍ଜିରା ବାଇ
ପ୍ରେମର ତରଙ୍ଗେ ଭାସିଚାଲ ସର୍ବେ ସାରା ଜଗତ ଭସାଇ
ଗୁରୁ ନାମ ଗାଇ ଗାଇ ନାଚ ଢଳି ଢଳି ଲୋ ସଜନୀ
ଦିଅ କରତାଳି ।୪।

## ଏତେ ଦିନେ ସତେ ଆଜି ପାରିଲି ବାରି

ଏତେ ଦିନେ ସତେ ଆଜି ପାରିଲି ବାରି
କୂଳରେ ଲାଗିଲା ମୋର ନୟନ ବାରୀ ।୦।

କାହିଁକି ଏ ଆଖିଭରା
ଝରୁଥିଲା ନୀର ଧାରା
ଜାଣିଲି ସେ ଗୁଚ୍ଛା ହେଲା ହାର ତୁମରି
ଦୋଳୁଛି ସେ ହୋଇ ତୁମ ଗଳାର ମାଳି ।୧।

ସଞ୍ଜର ଖଚୁଆ ତାରା
ଠାରି ମୋତେ କହିଦେଲା
ଜାଳିବାକୁ ବେଳ ହେଲା ସଞ୍ଜ ଦୀପାଳି
ଚାହିଁବାକୁ ଘରେ ତୁମେ ଆସିବ ବୋଲି ।୨।

ସହୁ ନାହିଁ ଆଉ ଡର
ମନ ମୋର ତରତର
ପୂଜିବାକୁ ସଜାଡିଛି ବନ୍ଦାଣ ଥାଳି
ପ୍ରିୟାଦପି ପ୍ରିୟ ଆସ କରୁଣା କରି ।୩।

## ସଞ୍ଜ ସମୀରଣେ

ସଞ୍ଜ ସମୀରଣେ, ମୃଦୁଳ କମ୍ପନେ, ଆସ ଫୁଲେ ଫୁଲେ ବାସି ହେ
ମନ୍ଦିରେ ମନ୍ଦିରେ, ହୃଦୟ-କନ୍ଦରେ ଖେଳାଇ ସୌରଭରାଶି ହେ ।୦।

କୁଟୀର ଦୁଆରୁ ଫିଟାଇ ଅର୍ଗଳି,
ପାତିଛି ଆସନ ଆସିବ ତ ବୋଲି
ଧୂପ ଦୀପ ଗନ୍ଧ ଦୀନ ନଇବେଦ୍ୟ ପୂର୍ଣ୍ଣ କର ସବୁ ଆସି ହେ ।୧।

ଜୀବନ ଚହଳ ନୀରବ ହେଲାଣି
ପୁରେ ଗ୍ରାମେ ଘରେ ଶାନ୍ତି ରାଜିଲାଣି
ସନ୍ଧ୍ୟା-ବନ୍ଦନାର ଅନୁଷ୍ଟୁପ ଛନ୍ଦେ ଆସ ଓଁକାରରେ ମିଶି ହେ ।୨।

ଭକତ ବତ୍ସଳ ବୋଲି ମୁଁ ତ୍ରପତ
ନୁହେଁ କେବେ ଦିନେ ହୋଇ ନାହିଁ ଭକ୍ତ
ପତିତପାବନ ରୂପେ ଆସ ତାରି ପତିତ ଜଗତବାସୀ ହେ ।୩।

କଳୁଷ କଳଙ୍କ ଗୋଟି ଗୋଟି କରି
ନିବେଦିବି ଆଗେ ଅନୁତାପ ଭରି
ପ୍ରାରବ୍ଧ ସଙ୍ଗତେ ତବ ଇଚ୍ଛା ଧରି ଆସ ଆଶିଷ ବରଷି ହେ ।୪।

ଜାଗରଣେ ଧ୍ୟାନ ସ୍ୱପନେ ସାଧନ
ହୋଇ ଆସ ମୋର ନିଦ୍ରାରେ ଚେତନ
ଅନ୍ତର ବାହାର ସକଳ ସମାନ କର ଜ୍ୟୋତି ପରକାଶି ହେ ।୫।

## ଗୁରୁନାରାୟନ

ଗୁରୁନାରାୟନ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତି ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାକ ପ୍ରାନ ଓହେ ଭଗବାନ
(ଯେନ) ଭୁଲିନାଏଁ, ଭୁଲିନାଏଁ, ତୋମାର ହେନ ଧନେ ।୨।

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦିତ ଥାକି
ତୋମାରି ସେବାୟ ଯେନ ଦିନ ଯାଏ
ଅନ୍ୟ ଆଶା ଯେନ ନାଥାକେ ଜୀବନେ ।୩।

## ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର

ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର?
ସୁରେ ସୁର ନ ମିଶିଲେ ବେସୁରା ବୀଣା ତାର ।୦।

ମନର ମିଳନ ଯେବେ ମନ ତୁଲେ ନ ହେଲା
ଏକ ସୁରେ କଣ୍ଠ ଯେବେ ମିଳନ ପାଶୋରିଲା
ପରାଣର ମେଳ କାହୁଁ ହେବ ଥରେ ବିଚାର ।୧।

ଘୁମାଇଁ ନ ରହ ଆଉ, ଯାଏ ଗଡି ବେଳ ତ
ଏକ ତାନେ, ଏକ ସୁରେ ଗାଅ ଗାଅ ସେ ଗୀତ
ଯେ ଗୀତର ଛନ୍ଦେ ଭରା, ଗୁରୁ ନାମ ମନ୍ତ୍ରର ।୨।

କେହି ନୁହେଁ ପର କା'ର ଏଇ ଧୂଳି ଧରାରେ
କହ କା'ଜନମ ନୁହେଁ ମାଟି ମାଆ କୋଳରେ
ବାଉଳା ସେ, ଏ ମନ୍ତ୍ରର ହୁଏ ଯା'ର ପାଶୋର ।୩।

ଆସ, ଜାଗ, ନାମ ତାର ଗାଅ କଣ୍ଠ ମିଳାଇ
ଜାଣନା କି ଜୀବନର ନାଉରୀ ଏକା ସେହି
ସେଇ ଗୁରୁ, ସେଇ ବ୍ରହ୍ମା, ସେଇ ବିଷ୍ଣୁ ଶଙ୍କର ।୪।

## ହେ ମହାମହୀମ ଭୁବନମୋହନ ନନ୍ଦନ

ହେ ମହାମହୀମ ଭୁବନମୋହନ ନନ୍ଦନ
ବନ୍ଦନ ତୁମ ପଦକଞ୍ଜେ ପ୍ରଣତି ଘେନ ମମ ।।୦

ଭକତ ର ପ୍ରାଣେ ଦିଅ ଜ୍ଞାନଦୀପ ଜଳାଇ
ହୃଦ-ସରସୀରେ ଦିଅ ଶତଦଳ ଫୁଟାଇ
ତୁମେ ଭବ-ବନ୍ଧନ ବିମୋଚନ
ଏ ବିଶ୍ୱ ପ୍ରଣତି ଢାଳେ ଆହେ ବିଶ୍ୱ-ବନ୍ଦନ ।।୧

ଛନ୍ଦା ପଦେ ବନ୍ଧା ମନ ପୂର୍ଣ୍ଣ କର କାମନା
କୁଞ୍ଚିତକେଶା ମୋ ଦଶା ଛାମୁରେ କରେ ଜଣା
କରୁଣା କର ହେ କୃପା ନିଧନ
ଶରଣାଗତ ଭକତ ହୃଦ ତଟ ଚନ୍ଦନ ।।୨

ରକତରଙ୍ଗେ ରଞ୍ଜିତ ଶୋଭା ତୁମ ଚରଣ
କଟି ତଟେ ବିମଣ୍ଡିତ ଶ୍ୱେତ କୁଞ୍ଚବସନ
କପାଳେ ଶୋଭଇ ଗନ୍ଧ ଚନ୍ଦନ
ନିଟିଳ ଅଳକାବଳୀ କରେ ଗଣ୍ଡ ମଣ୍ଡନ ।। ୩

କୋଟି ଶଶୀ-ପ୍ରଭା ଜିଣି ବରାଭୟ ମୂରତି
ଦୁସ୍ତର ଭବ-ସାଗରୁ ଉଦ୍ଧର ହେ ଶ୍ରୀପତି
ପଶୁଛି ସେ ପଦେ ଆଜି ଶରଣ
ଆତ୍ମଜ୍ଞାନ କର ଦାନ ଧନ୍ୟ ହେଉ ଜୀବନ ।। ୪

## ଗୁରୁ ନାରାୟଣ କୃପା କରି

ଗୁରୁ ନାରାୟଣ କୃପା କରି ଆସିଛନ୍ତି ଆଜି ଅବତରି
ଦେଖିବାକୁ ସଂଘ ମଧୁ ମହୋତ୍ସବ କୁସୁମ ଆସନେ ନିଅ ବରି ।୦।

ଧୋଇଦିଅ ନୀରେ ଚରଣ ଯୁଗଳ ଚାମରରେ କର ତନୁ ସୁଶୀତଳ
ଧରି ବନମାଳା ମଣ୍ଡିଦିଅ ଗଳା ମଥା ଦିଅ ପାଦେ ନତ କରି ।୧।

ଧୂପ ନଇବେଦ୍ୟ ଦେଇ ଚରଣରେ ଅମୋଦିତ କର ଅଗୁରୁ ଗନ୍ଧରେ
ଆବାହନ କରି ଗାଅ ଜୟ ଗୀତି ରତନ ପ୍ରଦୀପ ହାତେ ଧରି ।୨।

ସତ୍ୟ ଶିବ ଚିର ଚିନ୍ମୟ ସୁନ୍ଦର ଚୈତନ୍ୟ ଶାଶ୍ୱତ ବେଦାନ୍ତ ଭାସ୍କର
ସର୍ବ ମୂଳାଧାର କରୁଣା ସାଗର କରୁଣା କରିବେ କୃପା କରି ।୩।

ସଂସାର ଜଞ୍ଜାଳେ ବିଷୟ ବିହ୍ୱଳେ ଭାସୁ ଅଛୁ ଚିର ଅଥଳ ଜଳରେ
ମଙ୍ଗୁଆଳ ହୋଇ ବାହି ନେଇଯିବେ କୂଳେ ପହଞ୍ଚିବ ଆସ ତରି।୪।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।
ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।

## ଆମେ ତ ସଭିଏଁ ନାନା ଜାତି ଫୁଲ

ଆମେ ତ ସଭିଏଁ ନାନା ଜାତି ଫୁଲ   ବହୁ ରଙ୍ଗ ବହୁ ମହକର
ଗୁରୁ ସେବା ପାଇଁ ମନେ ଆଶା ବହି
ହୋଇ ଅଛୁ ଆମେ ଗୁଚ୍ଛା ହାର ।୦।

ଆମେ ଏକ ପିତାର ସନ୍ତାନ   ଏକ ଆମ ଚିନ୍ତା ଏକ ମନ
ଆମେ ତ ସକଳେ ଭାଇ ଭଉଣୀ
ଆମେ ଏକ ନିଗମ ସଂସାର ।୧।

ଆମେ ଏକ ମନ୍ତ୍ରରେ ଦୀକ୍ଷିତ   ଗୁରୁସେବା ଏକା ଆମ ବ୍ରତ
ଗୋଟିଏ ପଥର ଯାତ୍ରୀ ଆମେରେ
ଗୋଟିଏ ଆମର ଲକ୍ଷ୍ୟ ସ୍ଥଳ ।୨।

କେହି ନୁହେଁ ଏଠି ବଡ ସାନ   ସକଳେ ତ ଅଯୋଗ୍ୟ ସନ୍ତାନ
ଗୁରୁ କୃପା ବଳେ ଆମେ ବଳିୟାନ
ଗୁରୁ ନାମ ଆମ ସହଚର ।୩।

ପ୍ରାଣର ନିବିଡ ଆକର୍ଷଣେ   ବାନ୍ଧି ହୋଇ ଅଛୁ ଟାଣ ପଣେ
ଏ ତନୁ ମନର ପ୍ରତି କଣିକାରେ
ମିଳନ ଆନନ୍ଦ ତୋଳେ ସ୍ୱର ।୪।

ଶ୍ରୀଗୁରୁ ଶ୍ରୀପଦେ ଲୁହ ଢାଳି   ଏ ଶୁଭ ଲଗନେ କରୁ ଅଳି
ତୁମ ସେବା ପାଇଁ ଆମ ସଂଘ ପ୍ରୀତି
ଭଙ୍ଗୁର ସଂସାରେ ହେଉ ଚିର ।୫।

## ତୁମେ ହେ ଜାଳିଛ ମୁକ୍ତି ମଶାଲ

ତୁମେ ହେ ଜାଳିଛ ମୁକ୍ତି ମଶାଲ ଅମାଘେରା ଏହି ଘରେ
ବିଭୋର କରିଛ ବିଶ୍ୱମରମ ମହା ସଙ୍ଗୀତ ସ୍ୱରେ ।୦।

ରୁଦ୍ଧ ଦୁଆର ମୁକ୍ତ କରିଛ ଶୁଦ୍ଧ ସାଧନ ବଳେ
କାନେ କାନେ ତୁମେ ଶୁଣାଇଛ ଗୁରୁ ! ଓଁ କାର ମନ୍ତ୍ରରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୧।

ନବ ଆଦରଶ ଦରଶାଇ ତୁମେ ଦୀକ୍ଷା ଦେଇଛ ମୋରେ
ବିଞ୍ଚି ଦେଇଛ ଶାନ୍ତି ଅମୀୟ ବେଦନା ଆତୁର ଘରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୨।

କୁପଥ ବିପଥ ବାରି ଚଳାଉଛ ସୁପଥେ ଏ ଜୀବନରେ
ଆଲୋକ ଆଲୋକ ଆଲୋକ ଜାଳି ମୋହଘେରା ନୟନରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୩।

ଜୀବନର ଏଇ ଅଭିଯାନ ମୋର ସଫଳ କର ହେ ବାରେ
ପୂର୍ଣ୍ଣ କର ଏ ଶୂନ୍ୟ ପରାଣ ପୀରତି ରସର ଧାରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୪।